ଓଡ଼ିଶା ସରକାର

ଆଇନ ବିଭାଗ

# ଓଡ଼ିଶା ବଂଶାନୁଗତ ଗ୍ରାମପଦ ( ଉତ୍ସାଦନ ) ଅଧିନିୟମ, ୧୯୬୨

# THE ORISSA HEREDITARY VILLAGE OFFICES (ABOLITION) ACT, 1962

[ *Price—Re. 0·33 Paisa* ]

# ଓଡ଼ିଶା ବଂଶାନୁଗତ ଗ୍ରାମପଦ ( ଉଚ୍ଛେଦନ ) ଅଧିନିୟମ, ୧୯୬୨

## ୧୯୬୨ର ଓଡ଼ିଶା ଅଧିନିୟମ ୧୨

### ସୂଚୀପତ୍ର


| ଧାରା | | ପୃଷ୍ଠା |
|---|---|---|
| ୧ । ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ | .. | ୧ |
| ୨ । ସଂଜ୍ଞା | .. | ୧-୨ |
| ୩ । ବଂଶାନୁଗତ ଗ୍ରାମପଦ ଓ ତାହାର ପ୍ରସଙ୍ଗଗତ ଉଚ୍ଛେଦନ | .. | ୨ |
| ୪ । କୌଣସି ବ୍ୟକ୍ତି କୌଣସି ଗ୍ରାମପଦର ଧାରକ ଥିଲେ କି ନାହିଁ, ତାହା ନିର୍ଣ୍ଣୟ କରିବା ନିମିତ୍ତ କଲେକ୍ଟରଙ୍କ କ୍ଷମତା ଓ ତହିଁରୁ ଅପିଲ । | | ୨ |
| ୫ । ଅଧିନିୟମ ଅଧୀନରେ ଉଚ୍ଛେଦିତ ଗ୍ରାମପଦର ଧାରକଙ୍କୁ ସାହାଯ୍ୟ | .. | ୨ |
| ୬ । ରେକର୍ଡ ଆଦିର ଉପସ୍ଥାପନ ଓ ଉପସ୍ଥାପନ ନ କରିବାର ପରିଣତି | .. | ୨-୩ |
| ୭ । ଶପଥପୂର୍ବକ ସାକ୍ଷ୍ୟ ଗ୍ରହଣ କରିବା କ୍ଷମତା | .. | ୩ |
| ୮ । ଯାଞ୍ଚ ଓ କାର୍ଯ୍ୟବାହୀ ନ୍ୟାୟିକ କାର୍ଯ୍ୟବାହୀ ହେବ | .. | ୩ |
| ୯ । ନିୟମାବଳୀ ପ୍ରଣୟନ କରିବା କ୍ଷମତା | .. | ୩-୪ |
| ୧୦ । ନିରସନ | .. | ୪ |
| ୧୧ । ଅସୁବିଧା ଦୂରକରିବା କ୍ଷମତା | .. | ୪ |
| ଅନୁସୂଚୀ | | |

# ୧୯୬୨ର ଓଡ଼ିଶା ଅଧିନିୟମ ୧୨

## ଓଡ଼ିଶା ବଂଶାନୁଗତ ଗ୍ରାମପଦ (ଉଚ୍ଛେଦନ) ଅଧିନିୟମ, ୧୯୬୨

ଓଡ଼ିଶା ରାଜ୍ୟରେ ବଂଶାନୁଗତ ଗ୍ରାମପଦ ଉଚ୍ଛେଦନ କରିବା ନିମିତ୍ତ ଅଧିନିୟମ

ଓଡ଼ିଶା ରାଜ୍ୟରେ ଲୋକହିତ ଦୃଷ୍ଟିରୁ ବଂଶାନୁଗତ ଗ୍ରାମପଦ ଓ ତଦ୍‌ସମ୍ପୃକ୍ତ ଉପଲବ୍ଧି ଉଚ୍ଛେଦନ କରିବା ସମୀଚୀନ ହେଉଥିବା ଦୃଷ୍ଟିରୁ;

ଏତଦ୍ଦ୍ୱାରା ଭାରତ ସାଧାରଣ ତନ୍ତ୍ରର ତ୍ରୟୋଦଶ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନ ମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା:—

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ । ୧ । (୧) ଏହି ଅଧିନିୟମ ଓଡ଼ିଶା ବଂଶାନୁଗତ ଗ୍ରାମପଦ (ଉଚ୍ଛେଦନ) ଅଧିନିୟମ, ୧୯୬୨ ନାମରେ ଅଭିହିତ ହେବ ।

(୨) ଏହା ସମଗ୍ର ଓଡ଼ିଶା ରାଜ୍ୟପ୍ରତି ବିସ୍ତୃତ

(୩) ରାଜ୍ୟ ସରକାର ଏଥିନିମିତ୍ତ ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିଯୁକ୍ତ କରିବେ, ଏହା ସେହି ତାରିଖରୁ ବଳବତ୍ ହେବ ।

ସଂଜ୍ଞା ୨ । ପ୍ରସଙ୍ଗତଃ ଅନ୍ୟଥା ଆବଶ୍ୟକ ହେଉ ନ ଥିଲେ, ଏହି ଅଧିନିୟମରେ—

(କ) "ନିଯୁକ୍ତ ତାରିଖ" କହିଲେ ଧାରା ୧ ର ଉପଧାରା (୩) ଅଧୀନରେ ନିଯୁକ୍ତ ତାରିଖକୁ ବୁଝାଇବ ;

(ଖ) "ଉପଲବ୍ଧି" କହିଲେ କୌଣସି ବଂଶାନୁଗତ ଗ୍ରାମପଦ ସମ୍ପର୍କରେ ବା ତାହାସହିତ ଉପାବଦ୍ଧ ଧନ ଆକାରରେ ବେତନ ଏବଂ ପାରିଶ୍ରମିକ ଆକାରରେ ମଞ୍ଜୁର ହୋଇଥିବା ବା ଗୃହୀତ ହୋଇଥିବା ଅନ୍ୟ ସମସ୍ତ ପ୍ରକାର ପ୍ରଦାନ ବା ଭତ୍ତାକୁ ବୁଝାଇବ ;

(ଗ) "ବଂଶାନୁଗତ ଗ୍ରାମପଦ କହିଲେ ଗଞ୍ଜାମ ଜିଲ୍ଲାରେ ମାନ୍ଦ୍ରାଜ ଅଧିସ୍ୱାମିତ୍ୱଗତ ସମ୍ପଦା ଗ୍ରାମ ସେବା ଅଧିନିୟମ, ୧୮୯୪ ଅଧୀନରେ ଗ୍ରାମ ହିସାବ-ରକ୍ଷକ, ଗ୍ରାମ ମୁଖ୍ୟ ବା ଗ୍ରାମ ଜଗୁଆଳରୂପେ ବିଦିତ କିମ୍ବା ଉକ୍ତ ଜିଲ୍ଲାରେ ମାନ୍ଦ୍ରାଜ ବଂଶାନୁଗତ ଗ୍ରାମପଦ ଅଧିନିୟମ ୧୮୯୫ ଅଧୀନରେ କାର୍ଣ୍ଣି, କରଣ, ଭେଟି ବା ତଳଆରିରୂପେ ବିଦିତ କୌଣସି ପଦକୁ ବୁଝାଇବ ;

(ଘ) "ବଂଶାନୁଗତ ଗ୍ରାମପଦର ଧାରକ" କହିଲେ ନିଯୁକ୍ତ ତାରିଖର ଅବ୍ୟବହିତ ପୂର୍ବରୁ ସ୍ଥାୟୀଭାବରେ କୌଣସି ବଂଶାନୁଗତ ଗ୍ରାମପଦ ଧାରଣ କରୁଥିବା ବ୍ୟକ୍ତି କିମ୍ବା ବଳବତ୍ ଥିବା ପ୍ରକ୍ରିୟା ଅନୁଯାୟୀ, ବିସ୍ଥାପିତ କୌଣସି ସ୍ଥାୟୀ ପଦଶୂନ୍ୟତାରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ବୁଝାଇବ;

(ଙ) "ନିର୍ଦ୍ଧାରିତ" କହିଲେ ଏହି ଅଧିନିୟମ ଅଧୀନରେ ପ୍ରଣୀତ ନିୟମାବଳୀ ଦ୍ୱାରା ନିର୍ଦ୍ଧାରିତ ହୋଇଥିବାକୁ ବୁଝାଇବ ।

ବଂଶାନୁଗତ ଗ୍ରାମପଦ ଓ ତାହାର ପ୍ରସଙ୍ଗର ଉତ୍ସାଦନ ।

୩ । କୌଣସି ବିଧି ବା କୌଣସି ନ୍ୟାୟାଳୟର ଡିକ୍ରୀ ବା ଆଦେଶରେ ଯାହା ଥାଉନା କାହିଁକି, ନିଯୁକ୍ତ ତାରିଖଠାରୁ ଓ ତାରିଖରେ—

(୧) ସମସ୍ତ ବଂଶାନୁଗତ ଗ୍ରାମପଦ ଉତ୍ସାଦିତ ହୋଇଅଛି ବୋଲି ବିବେଚିତ ହେବ;

(୨) ଉକ୍ତ ଗ୍ରାମପଦ ବିଷୟକ ସମସ୍ତ ପ୍ରସଙ୍ଗ (ପଦଧାରଣ ଓ ତତ୍ସଂଲଗ୍ନ ଉପଲବ୍ଧି ଗ୍ରହଣ କରିବାର ଅଧିକାର, ଧନ ବା ପଦାର୍ଥ ଆକାରରେ ଲଗ୍ନିଗତ ଫିସ୍ ବା ଉପରି ପାଉଣା ପ୍ରତି ଅଧିକାର ଯଦି ଥାଏ ଏବଂ ସେବା କରିବା ନିମିତ୍ତ ଦାୟି ସମେତ) ନିର୍ବାପିତ ହୋଇଅଛି ବୋଲି ବିବେଚିତ ହେବ ।

କୌଣସି ବ୍ୟକ୍ତି କୌଣସି ଗ୍ରାମପଦର ଧାରକ ଥିଲେ କି ନାହିଁ, ତାହା ବିନିଶ୍ଚୟ କରିବା ନିମିତ୍ତ କଲେକ୍ଟରଙ୍କ କ୍ଷମତା ଓ ତହିଁରୁ ଅପିଲ ।

୪ । (୧) କୌଣସି ବ୍ୟକ୍ତି ନିଯୁକ୍ତ ତାରିଖର ଅବ୍ୟବହିତ ପୂର୍ବରୁ କୌଣସି ବଂଶାନୁଗତ ଗ୍ରାମପଦର ଧାରକ ଥିଲେ କି ନାହିଁ, ସେ ସମ୍ପର୍କରେ ପ୍ରଶ୍ନ ଉଠିଲେ, କଲେକ୍ଟର ପ୍ରଭାବିତ ପକ୍ଷମାନଙ୍କୁ ଶୁଣାଣିର ସୁଯୋଗ ଦେଇ ଓ ଯାଞ୍ଚ କରି ଉକ୍ତ ପ୍ରଶ୍ନ ବିନିଶ୍ଚୟ କରିବେ ।

(୨) କୌଣସି ବ୍ୟକ୍ତି ଉପଧାରା (୧) ଅଧୀନରେ କଲେକ୍ଟରଙ୍କ ବିନିଶ୍ଚୟରେ କ୍ଷୁବ୍ଧ ହେଲେ, ସେ ଉକ୍ତ ବିନିଶ୍ଚୟର ଷାଠିଏ ଦିନ ମଧ୍ୟରେ ରେଭେନ୍ୟୁ ବୋର୍ଡରେ ଅପିଲ କରିପାରିବେ ଏବଂ ସେପରି ଅପିଲ ଉପରେ ରେଭେନ୍ୟୁ ବୋର୍ଡର ବିନିଶ୍ଚୟ ଅନ୍ତିମ ହେବ ।

ଅଧିନିୟମ ଅଧୀନରେ ଉତ୍ସାଦିତ ଗ୍ରାମପଦର ଧାରକଙ୍କ ସାହାଯ୍ୟ

୫ । ବଂଶାନୁଗତ ଗ୍ରାମପଦର ଧାରକଗଣ, ଧାରା ୩ ଅଧୀନରେ ଉକ୍ତ ପଦ ଉତ୍ସାଦିତ ହେବାରେ ହୁଏତ—

(କ) ନିର୍ଦ୍ଧାରିତ ହେବାମତେ ନିୟମାବଳୀ ଅନୁଯାୟୀ ରାଜ୍ୟ ସରକାରଙ୍କ ଅଧୀନରେ ଉପଯୁକ୍ତ ପଦରେ ନିଯୁକ୍ତ ହେବେ; କିମ୍ବା

(ଖ) କ୍ଷତିପୂରଣ ଆକାରରେ ତିନି ମାସର ଉପଲବ୍ଧି ଓ ତତ୍ସମେତ ପ୍ରତ୍ୟେକ ପୂର୍ଣ୍ଣବର୍ଷର ସେବା ନିମିତ୍ତ ଉକ୍ତ ଉପଲବ୍ଧିର ତିନି ଚତୁର୍ଥାଂଶ ସଙ୍ଗେ ସମାନ କ୍ଷତିପୂରଣ ପାଇବେ ।

ରେକର୍ଡ ଆଦିର ଉପସ୍ଥାପନ ଓ ଉପସ୍ଥାପନ ନ କରିବାର ପରିଣତି ।

୬ । (୧) ପ୍ରତ୍ୟେକ ବଂଶାନୁଗତ ଗ୍ରାମ ପଦର ଧାରକଙ୍କର—

(କ) ସେପରି ଧାରକରୂପେ ତାଙ୍କଦ୍ୱାରା ରଖାଯାଇଥିବା ସମସ୍ତ ରେକର୍ଡ ପ୍ରଦାନ କରିବା ; ଏବଂ

(ଖ) ତାଙ୍କ ପଦ ବିଷୟକ ସମସ୍ତ ହିସାବ ସ୍ଥିର କରିବା କର୍ତ୍ତବ୍ୟ ହେବ ।

(୨) ଯେଉଁ ବ୍ୟକ୍ତି ନିଯୁକ୍ତ ତାରିଖଠାରୁ ତିରିଶଦିନ ମଧ୍ୟରେ କିମ୍ବା କଲେକ୍ଟର ଅଧିକ ଯେତେ ସମୟ ମଞ୍ଜୁର କରିଥିବେ ସେହି ସମୟ ମଧ୍ୟରେ ଉପଧାରା (୧)ର କୌଣସି ଦଫାର ଉପବନ୍ଧମାନ ପାଳନ କରିବାରେ ଅସଫଳ ହେବେ, ସେ ଦୋଷସିଦ୍ଧି ପରେ ଦୁଇଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଏବଂ ଅସଫଳତା ଲାଗି ରହିଥିବା କ୍ଷେତ୍ରରେ ପ୍ରଥମ ଅସଫଳତା ଦୋଷସିଦ୍ଧ ହେବାପରେ ଅସଫଳତା ଲାଗି ରହିଥିବା ସମୟରେ ପ୍ରତ୍ୟେକ ଦିନ ନିମିତ୍ତ ପଚାଶ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

(୩) ଉପଧାରା (୨)ର ଉପବନ୍ଧମାନଙ୍କ ପ୍ରତି ଆଞ୍ଚ ନ ଆଣି, ତହିଁରେ ଉଲ୍ଲିଖିତ ଯେ କୌଣସି ଅସଫଳତା, କଲେକ୍ଟରଙ୍କ ଦ୍ୱାରା ଏଥିନିମନ୍ତେ ଯଥାବତ୍ ଆଦେଶ ଦିଆଯିବାରେ, ଉକ୍ତ ପଦର ଧାରକଙ୍କୁ ଧାରା ୫ ଅଧୀନରେ ଥିବା କୌଣସି ଫାଇଦା ଦାବୀ କରିବାର ଅଧିକାରରୁ ବଞ୍ଚିତ କରିବ :

ପରନ୍ତୁ, ପ୍ରଭାବିତ ବ୍ୟକ୍ତିଙ୍କୁ ଶୁଣାଣି ନିମନ୍ତେ ଯୁକ୍ତିଯୁକ୍ତ ସୁଯୋଗ ନ ଦେଇ ସେପରି କୌଣସି ଆଦେଶ ଦିଆଯିବ ନାହିଁ ।

(୪) ଏହି କଲେକ୍ଟର ଉପଧାରା (୧)ର ଦଫା (କ)ରେ ଉଲ୍ଲିଖିତ ରେକର୍ଡ ଅସୁଲ କରିବା ଉଦ୍ଦେଶ୍ୟରେ ତଲସି ଓ୍ୱାରେଣ୍ଟ ପଠାଇପାରିବେ ଏବଂ ଦଣ୍ଡ ପ୍ରକ୍ରିୟା ସଂହିତା, ୧୮୯୮ର ଅଧ୍ୟାୟ ୭ ଅଧୀନରେ ମାଜିଷ୍ଟ୍ରେଟ୍ ଯେଉଁ କ୍ଷମତା ପ୍ରୟୋଗ କରିପାରିବେ, ସେ ତତ୍ସଂକ୍ରାନ୍ତରେ ସେପରି ସମସ୍ତ କ୍ଷମତା ପ୍ରୟୋଗ କରିପାରିବେ ।

ଶପଥପୂର୍ବକ ସାକ୍ଷ୍ୟ ଗ୍ରହଣ କରିବା କ୍ଷମତା ।

୭ । ସିଭିଲ ପ୍ରକ୍ରିୟା ସଂହିତା, ୧୯୦୮ ଅଧୀନରେ କୌଣସି ନ୍ୟାୟାଳୟଠାରେ ଯେଉଁ କ୍ଷମତା ନ୍ୟସ୍ତ ହୋଇଛି, ଏହି ଅଧିନିୟମର ଉଦ୍ଦେଶ୍ୟ ନିମନ୍ତେ କୌଣସି ବାଦର ବିଚାରଣା କରିବା ସମୟରେ ନିମ୍ନଲିଖିତ ବିଷୟ, ଅର୍ଥାତ୍ :—

(କ) ସାକ୍ଷୀମାନଙ୍କୁ ସମନ କରିବା ଓ ସେମାନଙ୍କର ହାଜର ବାଧ କରିବା ଏବଂ ଶପଥ ଦିଆଇ ସେମାନଙ୍କଠାରୁ ଜମାନବନ୍ଦୀ ନେବା ;

(ଖ) ଦସ୍ତାବେଜର ପ୍ରକଟନ ଓ ପେଶ୍ ଆବଶ୍ୟକ କରିବା ;

(ଗ) ଶପଥ ଦିଆଇ ସାକ୍ଷ୍ୟ ଗ୍ରହଣ କରିବା ; ଏବଂ

(ଘ) ନିର୍ଦ୍ଧାରିତ ହେବାମତେ ଅନ୍ୟ ବିଷୟ ସମ୍ପର୍କରେ କଲେକ୍ଟର ଓ ରେଭେନ୍ୟୁ ବୋର୍ଡର ସେହି କ୍ଷମତା ରହିବ ।

ଯାଞ୍ଚ ଓ କାର୍ଯ୍ୟବାହୀ ନ୍ୟାୟିକ କାର୍ଯ୍ୟବାହୀ ହେବ ।

୮ । ଏହି ଅଧିନିୟମ ଅଧୀନରେ କଲେକ୍ଟର ବା ରେଭେନ୍ୟୁ ବୋର୍ଡ ନିକଟରେ ସମସ୍ତ ଯାଞ୍ଚ ଓ କାର୍ଯ୍ୟବାହୀ, ଭାରତୀୟ ଦଣ୍ଡ ସଂହିତାର ଧାରା ୧୯୩, ୨୧୯ ଓ ୨୨୮ର ଅର୍ଥ ଅନୁଯାୟୀ ନ୍ୟାୟିକ କାର୍ଯ୍ୟବାହୀରୂପେ ବିବେଚିତ ହେବ ।

ନିୟମାବଳୀ ପ୍ରଣୟନ କରିବା କ୍ଷମତା ।

୯ । (୧) ଏହି ଅଧିନିୟମର ଉଦ୍ଦେଶ୍ୟ ପାଳନ କରିବା ନିମନ୍ତେ ରାଜ୍ୟ-ସରକାର ନିୟମାବଳୀ ପ୍ରଣୟନ କରି ପାରିବେ ।

(୨) ବିଶେଷତଃ ଏବଂ ପୂର୍ବଗାମୀ କ୍ଷମତାର ବ୍ୟାପକତା ପ୍ରତି ଆଞ୍ଚ ନ ଆଣି ସେପରି ନିୟମାବଳୀ—

(କ) କୌଣସି ବ୍ୟକ୍ତି କୌଣସି ବଂଶାନୁଗତ ଗ୍ରାମ ପଦର ଧାରକ ଥିଲେ କି ନାହିଁ, ଏହି ପ୍ରଶ୍ନ ଅବଧାରଣ କରିବା ସମୟରେ କଲେକ୍ଟରଙ୍କ ଦ୍ୱାରା ଅନୁସୃତ ହେବା କାର୍ଯ୍ୟବାହୀ ;

(ଖ) ରେଭେନ୍ୟୁ ବୋର୍ଡ ନିକଟରେ ଅପିଲ ସଂକ୍ରାନ୍ତ ପ୍ରକ୍ରିୟା ;

(ଗ) ରାଜ୍ୟ ସରକାରଙ୍କ ଅଧୀନରେ ଉପଯୁକ୍ତ ପଦରେ ନିଯୁକ୍ତି ନିମନ୍ତେ ଯୋଗ୍ୟତା ଓ ଅନ୍ୟାନ୍ୟ ସର୍ତ୍ତ ;

(ଘ) ଧାରା ୫ ଅଧୀନରେ କ୍ଷତିପୂରଣ ମଞ୍ଜୁର କରାଯିବା ନିମନ୍ତେ ଆବେଦନର ଫାରମ, କେଉଁ ସମୟ ମଧ୍ୟରେ ଓ କେଉଁ ପ୍ରାଧିକାରୀଙ୍କ ନିକଟରେ ଆବେଦନ କରାଯିବ ଏବଂ ଉକ୍ତ ଆବେଦନ ଉପରେ ଦିଆଯିବା ଆଦେଶରୁ ଅପିଲ ;

(ଙ) ଏହି ଅଧିନିୟମ ଅଧୀନରେ ନିର୍ଦ୍ଧାରିତ କରାଯିବା ବା ହୋଇପାରିବା ଅନ୍ୟ କୌଣସି ବିଷୟ ନିମନ୍ତେ ବ୍ୟବସ୍ଥା କରି ପାରିବେ ।

(୩) ଏହି ଧାରା ଅଧୀନରେ ପ୍ରଣୀତ ସମସ୍ତ ନିୟମାବଳୀ ପ୍ରଣୀତ ହେବାପରେ ଯଥାସମ୍ଭବ ଶୀଘ୍ର ବିଧାନ ସଭାରେ ମୋଟ କାଳ ଚଉଦଦିନ ପର୍ଯ୍ୟନ୍ତ ଉପସ୍ଥାପିତ କରାଯିବ ଯାହାକି ଏକ ବା ଅଧିକ ଅଧିବେଶନରେ ସମାବିଷ୍ଟ ହୋଇ ପାରିବ ଏବଂ ଉକ୍ତ କାଳ ମଧ୍ୟରେ ବିଧାନସଭା କରିବାପରି ରୂପଭେଦନର ବଶବର୍ତ୍ତୀ ହେବ ।

ନିରସନ

୧୦ । ନିଯୁକ୍ତ ତାରିଖଠାରୁ ଅନୁସୂଚୀରେ ଉଲ୍ଲିଖିତ ଅଧିନିୟମିତିମାନ ଯେତେଦୂର ପର୍ଯ୍ୟନ୍ତ କୌଣସି ବଂଶାନୁଗତ ଗ୍ରାମପଦ ବା ତାହାର ଧାରକଙ୍କ ସମ୍ପର୍କରେ ହୋଇଥିବ, ସେତେଦୂର ପର୍ଯ୍ୟନ୍ତ ନିରସିତ ହୋଇଯିବ ।

ଅସୁବିଧା ଦୂରକରିବା କ୍ଷମତା ।

୧୧ । ଏହି ଅଧିନିୟମର ଉପବନ୍ଧମାନ ପ୍ରଭାବୀ କରାଇବାରେ ଯଦି କୌଣସି ଅସୁବିଧା ଉପୁଜେ ତାହାହେଲେ ରାଜ୍ୟ ସରକାର ଆଦେଶ ଦ୍ୱାରା, ଉକ୍ତ ଅସୁବିଧା ଦୂର କରିବା ନିମନ୍ତେ ତାହାଙ୍କୁ ଆବଶ୍ୟକ ଓ ସମୀଚୀନ ପ୍ରତୀୟମାନ ହେବାମତେ ଏହି ଅଧିନିୟମର ଉପବନ୍ଧ ସହିତ ଅସଙ୍ଗତ ହୋଇ ନ ଥିବା ବ୍ୟବସ୍ଥା କରିପାରିବେ ବା ନିର୍ଦ୍ଦେଶ ଦେଇପାରିବେ ଏବଂ ଏପରି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଆଦେଶ ଅନ୍ତିମ ହେବ ।

## ଅନୁସୂଚୀ

(ଧାରା ୧୦ ଦ୍ରଷ୍ଟବ୍ୟ)

| ସଂଖ୍ୟା ଓ ବର୍ଷ | ସଂକ୍ଷିପ୍ତ ନାମ |
|---|---|
| ୧ | ୨ |
| ୧ । ମାନ୍ଦ୍ରାଜ ନିୟମ, ୧୮୧୬ର ୧୧ | ମାନ୍ଦ୍ରାଜ ଗ୍ରାମ ପୋଲିସ ନିୟମ, ୧୮୧୬ |
| ୨ । ମାନ୍ଦ୍ରାଜ ନିୟମ, ୧୮୨୧ର ୪ | ମାନ୍ଦ୍ରାଜ ଗ୍ରାମ ପୋଲିସ ନିୟମ, ୧୮୨୧ |
| ୩ । ମାନ୍ଦ୍ରାଜ ଅଧିନିୟମ, ୧୮୯୪ର ୨ | ମାନ୍ଦ୍ରାଜ ଅଧିସ୍ୱାମୀତ୍ୱଗତ ସମ୍ପଦା ଗ୍ରାମସେବା ଅଧିନିୟମ, ୧୮୯୪ । |
| ୪ । ମାନ୍ଦ୍ରାଜ ଅଧିନିୟମ, ୧୮୯୫ର ୩ | ମାନ୍ଦ୍ରାଜ ବଂଶାନୁଗତ ଗ୍ରାମପଦ ଅଧିନିୟମ, ୧୮୯୫ । |

OGP.—MP.-VIII (Law) 71—500—22-4-1966

PRINTED AT THE ORISSA GOVERNMENT PRESS, MADHUPATNA, CUTTACK-3